# NATIONAL NEWS BULLETIN (ODIA)
## 12 July - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଏକ ଶାନ୍ତିପୂର୍ଣ୍ଣ, ସମୃଦ୍ଧ ଏବଂ ସୁରକ୍ଷିତ ବିମ୍‌ଷ୍ଟେକ୍ ଅଞ୍ଚଳ ଗଠନ ଦିଗରେ ଭାରତ ନିଜର ପ୍ରତିଶ୍ରୁତିବଦ୍ଧତା ବଜାୟ ରଖିଛି ବୋଲି କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ମୁମ୍ବାଇ ଗସ୍ତ ଅବସରରେ ୨୯ ହଜାର ୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା କେତେକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।
- ବିକଶିତ ଭାରତ ଗଠନ ଲାଗି ବିଭିନ୍ନ ମୌଳିକ କ୍ଷେତ୍ରରେ ଅଭିନବ ଉପାୟରେ କାର୍ଯ୍ୟ କରିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଲେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ।

ଏବଂ

- ଉ୍ୱିମ୍ବିଲ୍‌ଡନ୍ ଟେନିସ୍ ଚାମ୍ପିୟାନ୍‌ସିପ୍‌ର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ କାର୍ଲୋସ୍ ଆଲ୍‌କାରାଜ ଏବଂ ଡାନିଲ୍ ମେଡ୍‌ଭେ-ଡେଭ୍ ମଧ୍ୟରେ ମୁକାବିଲା ଜାରି ।

# ପିଏମ୍‌-ବିମ୍‌ଷ୍ଟେକ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅର୍ଥନୈତିକ ଏବଂ ସାମାଜିକ ଅଭିବୃଦ୍ଧି ଦିଗରେ ବିମ୍‌ଷ୍ଟେକ୍‌ର ଉଲ୍ଲେଖନୀୟ ଭୂମିକା ଉପରେ ଆଲୋକପାତ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ବିମ୍‌ଷ୍ଟେକ୍‌ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀମାନେ ଶ୍ରୀ ମୋଦୀଙ୍କ ସହିତ ସାକ୍ଷାତ ଆଲୋଚନା ବେଳେ ସେ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏକ ଶାନ୍ତିପୂର୍ଣ୍ଣ, ସମୃଦ୍ଧ, ନିରନ୍ତର ଏବଂ ସୁରକ୍ଷିତ ବିମ୍‌ଷ୍ଟେକ୍‌ ଅଞ୍ଚଳ ଗଠନ ଦିଗରେ ଭାରତ ନିଜର ପ୍ରତିଶ୍ରୁତିବଦ୍ଧତା ବଜାୟ ରଖିଛି । ବିମ୍‌ଷ୍ଟେକ୍‌ ଅଞ୍ଚଳରେ ନିରାପତ୍ତା ଏବଂ ଅଭିବୃଦ୍ଧି ବଜାୟ ରଖିବା ଉଦ୍ଦେଶ୍ୟରେ ଭାରତର ପଡ଼ୋଶୀ ପ୍ରଥମ ଏବଂ ଲୁକ୍‌ ଇଷ୍ଟ ପଲିସି ସମେତ ସାଗର ଭିଜନ୍‌ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ବିମ୍‌ଷ୍ଟେକ୍‌ ଅଞ୍ଚଳରେ ଯୋଗାଯୋଗ, ଶକ୍ତି, ବାଣିଜ୍ୟ, ସ୍ୱାସ୍ଥ୍ୟ, କୃଷି, ବିଜ୍ଞାନ, ନିରାପତ୍ତା ଏବଂ ଜନସଂପର୍କ ଆଦି କ୍ଷେତ୍ରରେ ଆଞ୍ଚଳିକ ସହଭାଗିତାକୁ ସଶକ୍ତ କରିବା ଦିଗରେ ଶ୍ରୀ ମୋଦୀ ବୈଦେଶିକ ମନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଛନ୍ତି । ଆସନ୍ତା ସେପ୍ଟେମ୍ବର ମାସରେ ଥାଇଲାଣ୍ଡରେ ହେବାକୁ ଥିବା ବିମ୍‌ଷ୍ଟେକ୍‌ ସମ୍ମିଳନୀ ଲାଗି ଭାରତର ପୂର୍ଣ୍ଣ ସମର୍ଥନ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପିଏମ୍ ମୁମ୍ବାଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମୁମ୍ବାଇ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ସେ ସଡ଼କ, ରେଳପଥ ଓ ବନ୍ଦର କ୍ଷେତ୍ର ସହିତ ସମ୍ପୃକ୍ତ କେତେକ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହିତ ଅନ୍ୟ କେତେକ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ୨୯ ହଜାର ୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପ ଗୁଡ଼ିକର ଶୁଭାରମ୍ଭ ଗୋରେଗାଓଁ ସ୍ଥିତ ନେସ୍କୋ ପ୍ରଦର୍ଶନୀ କେନ୍ଦ୍ରରେ ଭର୍ଚୁଆଲ୍ ମାଧ୍ୟମରେ କରାଯିବ ।

ଏହି ଅବସରରେ ୧୬ହଜାର ୬୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୧୧ ଦଶମିକ୍ ୮ କିଲୋମିଟର ଦୈର୍ଘ୍ୟର ଥାନେ-ବୋରିଭାଲି ଟନେଲ୍ ପ୍ରକଳ୍ପର ଶିଳାନ୍ୟାସ କରାଯିବ । ଏହାଦ୍ୱାରା ଦୂରତ୍ୱ କମିବା ସହ ସମୟ ସଞ୍ଚୟ ହୋଇପାରିବ । ସେହିଭଳି ପ୍ରଧାନମନ୍ତ୍ରୀ ୬ହଜାର ୩୦୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଗୋରେଗାଓଁ-ମୁଲୁନ୍ଦ ଲିଙ୍କ୍ ସଡ଼କ ପ୍ରକଳ୍ପର ଟନେଲ୍ କାର୍ଯ୍ୟ ଲାଗି ଶିଳାନ୍ୟାସ କରିବେ । ସେହିଭଳି ନାଭି ମୁମ୍ବାଇର ଟର୍ଭେ ଠାରେ ଗତିଶକ୍ତି ବିବିଧ ମୋଡାଲ୍ କାର୍ଗୋ ଟର୍ମିନାଲ୍ ଏବଂ କଲ୍ୟାଣ ୟାର୍ଡ୍ ରି ମଡେଲିଂ ଲାଗି ଶିଳାନ୍ୟାସ କରିବେ ।

ଏହାଛଡ଼ା ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ଷ୍ଟେସନ୍ ଏବଂ ଲୋକମାନ୍ୟ ତିଲକ ଟର୍ମିନସ୍ ଠାରେ ନୂତନ ପ୍ଲାଟଫର୍ମକୁ ଲୋକାର୍ପଣ କରିବେ । ଏହି ଅବସରରେ ଶ୍ରୀ ମୋଦୀ ପ୍ରାୟ ୫ ହଜାର ୬୦୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଯୁବ କାର୍ଯ୍ୟ ପ୍ରଶିକ୍ଷଣ ଯୋଜନାର ଶୁଭାରମ୍ଭ କରିବେ । ୧୮ରୁ ୩୦ ବର୍ଷ ବୟସ୍କ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ନିଯୁକ୍ତି ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

## ଆସାମ-ସିନ୍ଧିଆ

ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଭାରତ ବିକାଶର ଦ୍ୱାରପଥ ଭାବେ ପ୍ରଧାନମନ୍ତ୍ରୀ ବିବେଚନା କରନ୍ତି ବୋଲି ଉତ୍ତରପୂର୍ବାଞ୍ଚଳ ବିକାଶ ଏବଂ ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି । ଦୁଇଦିନିଆ ମେଘାଳୟ ଓ ଆସାମ ଗସ୍ତରେ ଯାଇ ଆଜି ଗୌହାଟୀ ବିମାନ ବନ୍ଦରଠାରେ ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତା ବେଳେ ସେ ଏହା କହିଛନ୍ତି । ଶ୍ରୀ ସିନ୍ଧିଆ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କର ଏହି ଭିଜନ୍‌କୁ ବାସ୍ତବ ରୂପ ଦେବା ଲାଗି କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ଇତିମଧ୍ୟରେ ତାଙ୍କ ମନ୍ତ୍ରଣାଳୟ ପକ୍ଷରୁ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକ ଲାଗି ବଜେଟ୍ ବ୍ୟୟବରାଦ ୨୪ ହଜାର କୋଟି ଟଙ୍କାରୁ

୮୨ହଜାର କୋଟି ଟଙ୍କା ବୃଦ୍ଧି କରାଯାଇଛି । ଦେଶର ସଂସ୍କୃତିର ପେଣ୍ଠସ୍ଥଳ କୁହାଯାଉଥିବା ଏହି ଅଞ୍ଚଳରେ ମୌଳିକଢାଞ୍ଚ, ଯୋଗାଯାଗ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଷ୍ଟାର୍ଟଅପ୍, ଉଦ୍ୟୋଗ ଏବଂ ପର୍ଯ୍ୟଟନର ବିକାଶ ଦିଗରେ ପ୍ରାଥମିକତା ଭିତ୍ତିରେ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି । ଏଥିସହିତ ବିକଶିତ ଭାରତ ଏବଂ ବିକଶିତ ପୂର୍ବତ୍ତୋର ଭିଜନ୍‌କୁ ସାକାର କରିବା ଲାଗି ମଧ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ସିନ୍ଧିଆ କହିଛନ୍ତି । ଏହି ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ସିନ୍ଧିଆ ଏହି ଅଞ୍ଚଳର ବିକାଶ ଲାଗି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି । ଏହାଛଡ଼ା କୃଷକମାନଙ୍କୁ ବିଶ୍ୱ ବଜାର ସହ ଯୋଡ଼ିବା ସଙ୍ଗେ ସଙ୍ଗେ ସିଧାସଳଖ ନେଣଦେଣ କରିବା ଉଦ୍ଦେଶ୍ୟରେ ଏକ ଡିଜିଟାଲ୍ ଆପ୍ ମଧ୍ୟ ଶ୍ରୀ ସିନ୍ଧିଆ ଉନ୍ମୋଚନ କରିଛନ୍ତି ।

## କେଜରିୱାଲ

ସୁପ୍ରିମ୍‌କୋର୍ଟ ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଅବକାରୀ ନୀତି ଦୁର୍ନୀତି ଜନିତ ଅର୍ଥ ହେର୍‌ଫେର୍ ମାମଲାରେ ଅନ୍ତରିଣ ଜାମିନ୍ ପ୍ରଦାନ କରିଛନ୍ତି । ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ୍ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ଶ୍ରୀ କେଜରିୱାଲଙ୍କ ଆବେଦନକୁ ବିଚାରପତି ସଂଜୀବ ଖାନ୍ନା ଓ ବିଚାରପତି ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ

ବେଞ୍ଚ୍ ଏକ ବୃହତ ବେଞ୍ଚକୁ ପଠାଇଛନ୍ତି । ଅନ୍ୟ ପକ୍ଷରେ ଏହି ଅନ୍ତରିଣ ଜାମିନ୍ ସତ୍ତ୍ୱେ ସମାନ ମାମଲାରେ ସିବିଆଇ ଦ୍ୱାରା ଦୁର୍ନୀତି ନିବାରଣ ଆଇନ୍ ଅଧୀନରେ ଗିରଫ୍ ହୋଇଥିବା  ଦୃଷ୍ଟିରୁ ଶ୍ରୀ କେଜରିୱାଲ ବର୍ତ୍ତମାନ ତିହାର ଜେଲ୍‌ରେ ହିଁ ରହିବେ ।

ଏହି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଗତ ମାର୍ଚ୍ଚ ୨୧ ତାରିଖ ଦିନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ୍ ହୋଇଥିଲେ । ତେବେ ମେ ୧୦ ତାରିଖ ଦିନ ଲୋକସଭା ନିର୍ବାଚନରେ ପ୍ରଚାର କରିବା ଲାଗି ସୁପ୍ରିମ୍‌କୋର୍ଟ ତାଙ୍କୁ ଖଲାସ କରିଥିଲେ ।  ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଜୁନ୍ ୨ ତାରିଖ ଦିନ ସେ ପୁନର୍ବାର ଜେଲ୍‌କୁ ଆସିଥିଲେ ।

## ମହା-ଭିପି

ଦେଶରେ ଏକ ସ୍ଥିର ସରକାର ଏବଂ ସୁ-ଶାସନ ମାଧ୍ୟମରେ ବିବିଧ ପ୍ରଗତି ସମ୍ଭବ ହୋଇଥିବା ବେଳେ ଏହା ଦ୍ୱାରା ଯୁବବର୍ଗ  ଲାଭାନ୍ୱିତ ହୋଇଛନ୍ତି ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମତବ୍ୟକ୍ତ କରିଛନ୍ତି । ମୁମ୍ବାଇ ସ୍ଥିତ ଏକ ଶିକ୍ଷାନୁଷ୍ଠାନରେ ଆୟୋଜିତ  ସଶକ୍ତ ଭାରତ-୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦିଗରେ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକର ଭୂମିକା ସମ୍ପର୍କିତ କର୍ମଶାଳାରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଧନଖଡ଼ କହିଛନ୍ତି, ବର୍ତ୍ତମାନ ଆମ ଦେଶରେ ସ୍ୱଚ୍ଛ ପ୍ରକ୍ରିୟାରେ ନିଷ୍ପତ୍ତି

ନେବା ପ୍ରକ୍ରିୟା ଦ୍ୱାରା ଅର୍ଥନୀତି ଅଭିବୃଦ୍ଧିହାର ବୃଦ୍ଧି ପାଇଛି । ୧୯୯୦ ମସିହାରେ ଆମର ଅର୍ଥ ବ୍ୟବସ୍ଥା ଅନେକ ଦୁର୍ବଳ ଥିଲା । ଏପରିକି ଏହା ଲଣ୍ଡନ ଓ ପ୍ୟାରିସ୍ ଭଳି ସହର ଗୁଡ଼ିକର ଅର୍ଥ ବ୍ୟବସ୍ଥା ଠାରୁ ପଛୁଆ ଥିଲା । ମାତ୍ର ବିଭିନ୍ନ ସଂସ୍କାରମୂଳକ ଆର୍ଥିକ ଏବଂ ପ୍ରଶାସନିକ ପଦକ୍ଷେପ ଦ୍ୱାରା ବର୍ତ୍ତମାନ ଭାରତର ଅର୍ଥ ବ୍ୟବସ୍ଥା ବ୍ରିଟେନ୍ ଏବଂ ଫ୍ରାନ୍ସଠାରୁ ମଧ୍ୟ ଆଗୁଆ ରହିଛି । ଏପରିକି ପୁଞ୍ଜିନିବେଶ ଏବଂ ଏ ସମ୍ପର୍କିତ ସୁଯୋଗ ସୃଷ୍ଟି କ୍ଷେତ୍ରରେ ଭାରତ ବିଶ୍ୱର ପସନ୍ଦ ଯୋଗ୍ୟ ଲକ୍ଷ୍ୟ ସ୍ଥଳୀ ବୋଲି ବିଶ୍ୱ ବ୍ୟାଙ୍କ୍ ମଧ୍ୟ ଘୋଷଣା କରିସାରିଛି । ବିକଶିତ ଭାରତ ଗଠନ ଲାଗି ବୈଷୟିକ ଜ୍ଞାନକୌଶଳ, ଡିଜିଟାଲ୍ ରୂପାନ୍ତରକର, ନିରନ୍ତର ବିକାଶ, ସ୍ୱାସ୍ଥ୍ୟ ଓ ଜୀବବିଜ୍ଞାନ, କୃଷି ଓ ଖାଦ୍ୟ ସୁରକ୍ଷା, ସାମାଜିକ ବିଜ୍ଞାନ ଏବଂ ଦକ୍ଷତା ବିକାଶ, ଉଦ୍ୟମିତା କ୍ଷେତ୍ରରେ ଅଭିନବ ଉପାୟରେ କାର୍ଯ୍ୟ କରିବା ନିମନ୍ତେ ଉପରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ସମାରୋହରେ ମହାରାଷ୍ଟ୍ରର ରାଜ୍ୟପାଳ ରମେଶ ବୈଶ, ରାଜ୍ୟସଭା ସାଂସଦ ଶୋଭା ପ୍ରଫୁଲ ପଟେଲଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ପିଏମ୍-ଏମରଜେନ୍ସି

ପ୍ରତିବର୍ଷ ଜୁନ୍ ୨୫ ତାରିଖକୁ ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ୧୯୭୫ ମସିହା ଏହି ଦିନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତର ସମ୍ବିଧାନ ଯେତେବେଳେ କ୍ଷତିଗ୍ରସ୍ତ ହୋଇଥିଲା ସେତେବେଳେ ଦେଶବ୍ୟାପି ହୋଇଥିବା ଏହାର କୁ-ପ୍ରଭାବକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯିବ । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଭାରତୀୟ ଇତିହାସରେ ଏହି କଳଙ୍କିତ ଅଧ୍ୟାୟ କଂଗ୍ରେସ ଦ୍ୱାରା ହିଁ ଲେଖାଯାଇଥିଲା । ଏହି ସମୟରେ ପ୍ରଭାବିତ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାର ଏହା ହେଉଛି ଉପଯୁକ୍ତ ମାଧ୍ୟମ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ଅନ୍ୟ ଏକ ପୋଷ୍ଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ସମ୍ବିଧାନ ହତ୍ୟା ଦିବସ ପାଳନ ମାଧ୍ୟମରେ ଦେଶରେ ଏକ ସଶକ୍ତ ତଥା ଜାଗ୍ରତ ଗଣତନ୍ତ୍ରର ଉପସ୍ଥିତି ଏବଂ

ବ୍ୟକ୍ତିଗତ ସ୍ୱାଧୀନତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇପାରିବ ।

## ନେପାଳ-ଭୋଟ

ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ଆଜି ସଂସଦରେ ଆସ୍ଥା ଭୋଟରେ ପରାଜିତ ହୋଇଛନ୍ତି । ଏଥିସହିତ ନେପାଳ ସଂସଦର ନିମ୍ନ ସଦନରେ ଆସ୍ଥା ଭୋଟ ବିପକ୍ଷରେ ୧୯୪ ସଦସ୍ୟ ଭୋଟ୍ ଦେଇଥିବା ବେଳେ ୬୩ ଜଣ ସପକ୍ଷରେ ଦେଇଥିଲେ । ଅନ୍ୟ ଜଣେ ସାଂସଦ ଭୋଟ ଦାନର ନିବୃତ୍ତ ରହିଥିଲେ । ସଂସଦରେ ସଂଖ୍ୟା ଗରିଷ୍ଠତା ହାସଲ ଲାଗି ୧୩୮ଟି ଭୋଟ୍ର ଆବଶ୍ୟକତା ଥିଲା । ଏହି ଭୋଟିଂ ସମୟରେ ଆଜି ଗୃହରେ ମୋଟ୍ ୨୫୮ ଜଣ ସଦସ୍ୟ ଉପସ୍ଥିତ ଥିଲେ ।

## ଊ୍ୱିମ୍ବିଲ୍ଡନ୍

ଊ୍ୱିମ୍ବିଲ୍ଡନ୍ ଟେନିସ୍ ଚାମ୍ପିୟାନ୍ସିପ୍ର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ରେ ପୂର୍ବବର୍ଷର ଚାମ୍ପିୟାନ୍ କାର୍ଲୋସ୍ ଆଲ୍କାରାଜ ଏବଂ ଡାନିଲ୍ ମେଡ୍ଭେ-ଡେଭ୍ ମଧ୍ୟରେ ମୁକାବିଲା ଜାରି ରହିଛି । ଲଣ୍ଡନ ସ୍ଥିତ ସେଣ୍ଟର କୋର୍ଟ୍ରେ ଏହି ମ୍ୟାଚ୍ ଚାଲିଛି । ୨୦୨୧ ୟୁଏସ୍ ଓପନ୍ ଚାମ୍ପିୟାନ୍ ରୁଷର

ଡାନିଲ୍ କ୍ୱାର୍ଟର ଫାଇନାଲ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ଇଟାଲୀର ଜ୍ୟାନିକ୍ ସିନର୍‌ଙ୍କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ସେହିଭଳି ସ୍ପେନ୍‌ର କାର୍ଲସ୍ ଯୁକ୍ତରାଷ୍ଟ୍ର ଆମେରିକାର ଟମି ପଲ୍‌ଙ୍କୁ ୫-୭, ୬-୪, ୬-୨ ଓ ୬-୨ ସେଟ୍‌ରେ ପରାସ୍ତ କରି ଏହି ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି ।

ପ୍ରତିଯୋଗିତାର ଅନ୍ୟ ସେମିଫାଇନାଲ୍ ମ୍ୟାଚ୍‌ରେ ୭ଥରର ଚାମ୍ପିୟନ୍ ସର୍ବିଆର ନୋଭାକ୍ ଜୋକୋଭିକ୍’ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟିଙ୍କୁ ଭେଟିବେ । ଏହି ମ୍ୟାଚ୍ ଭାରତୀୟ ସମୟ ଆଜି ରାତି ୮ଟାରେ ଆରମ୍ଭ ହେବ ।